# NATIONAL NEWS BULLETIN (ODIA)

**16 October - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତ-ଆମେରିକା ବାଣିଜ୍ୟ ବୁଝାମଣା ଖୁବ୍‌ଶୀଘ୍ର ଚୂଡ଼ାନ୍ତ ହେବ, କହିଲେ ଅର୍ଥମନ୍ତ୍ରୀ

- ସାମାଜିକ ଗଣମାଧ୍ୟମଠାରୁ ଶିଶୁମାନଙ୍କୁ ସୁରକ୍ଷା ଦେବା ନେଇ ସ୍ୱତନ୍ତ୍ର ନୀତିଗତ ଢ଼ାଞ୍ଚା ପ୍ରସ୍ତୁତ ଲାଗି କେନ୍ଦ୍ର ସରକାର ଓ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

- ଧାରଣ ଏବଂ ବିରୋଧ ପ୍ରଦର୍ଶନ ଘଟଣାର ସମ୍ବାଦ ସଂଗ୍ରହ କରୁଥିବା ସାମ୍ବାଦିକମାନଙ୍କ ପାଇଁ ଭାରତୀୟ ପ୍ରେସ୍ ପରିଷଦ ପକ୍ଷରୁ ଜାରି ହେଲା ପରାମର୍ଶବଳୀ

- ଭାରତୀୟ ନୌସେନାରେ ସାମିଲ ହେଲା ବହୁମୁଖୀ ପୋତ ଆଇଏନ୍‌ଏସ୍ ସମର୍ଥକ

ଏବଂ

- ମହିଳା କ୍ରିକେଟ୍‌ରେ ଆଜି ଅନୁଷ୍ଠିତ ହେବ ଭାରତ-ଜିମ୍ବାୱେ ମଧ୍ୟରେ ପ୍ରଥମ ଟି-୨୦ ମ୍ୟାଚ୍

---

# ଏଫ୍ଏମ୍ ଇଣ୍ଡିଆ ୟୁଏସ୍ ଡେ

ଭାରତ-ଆମେରିକା ବାଣିଜ୍ୟ ବୁଝାମଣା ଖୁବ୍‌ଶୀଘ୍ର ଚୂଡ଼ାନ୍ତ ହେବା ନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଶା ପ୍ରକାଶ କରିଛନ୍ତି । ସେ କହିଛନ୍ତି, ଏହା ଦ୍ୱାରା ଉଭୟ ଦେଶ ମଧ୍ୟରେ ଅର୍ଥନୈତିକ ସଂପର୍କ ଆହୁରି ଦୃଢ଼ ହୋଇପାରିବ । ଥାଇଲ୍ୟାଣ୍ଡ୍‌ର ବ୍ୟାଙ୍କକ୍‌ରେ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଓ ବିଶ୍ୱବ୍ୟାଙ୍କର ବାର୍ଷିକ ବୈଠକରେ ଯୋଗଦେଇ ଶ୍ରୀମତୀ ସୀତାରମଣ ଏହା କହିଛନ୍ତି । ସେ କହିଛନ୍ତି, ଉଭୟ ଦେଶ ମଧ୍ୟରେ ଏହି ବୁଝାମଣା ନେଇ ଆଲୋଚନା ପର୍ଯ୍ୟାଲୋଚନା ଜାରି ରହିଛି । କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି, ଏହି ବାଣିଜ୍ୟିକ ଚୁକ୍ତିର ପ୍ରଥମ ପର୍ଯ୍ୟାୟ ଚୂଡ଼ାନ୍ତ ହୋଇଛି ଏବଂ ନ୍ୟାୟିକ ପ୍ରସ୍ତୁତି ଆରମ୍ଭ କରାଯାଇଛି । ଅର୍ଥମନ୍ତ୍ରୀ କହିଛନ୍ତି, ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି ଏବଂ ବିଶ୍ୱ ବ୍ୟବସାୟିକ ମଞ୍ଚରେ ଏହି ଚୁକ୍ତି ଦୃଢ଼ ସାବ୍ୟସ୍ତ ହେବ ।

---

# ଏସ୍‌ସି-ସୋସିଆଲ ମିଡିଆ ଚିଲ୍‌ଡ୍ରେନ

ସର୍ବୋଚ୍ଚ ନ୍ୟାୟାଳୟ ସାମାଜିକ ଗଣମାଧ୍ୟମଠାରୁ ଶିଶୁମାନଙ୍କୁ ସୁରକ୍ଷା ଦେବା ଲାଗି ସ୍ୱତନ୍ତ୍ର ନୀତିଗତ ଢ଼ାଞ୍ଚା ପ୍ରସ୍ତୁତ ନେଇ କେନ୍ଦ୍ର ସରକାର ଏବଂ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କୁ ଜବାବ ମାଗିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ଓ ଆଇନ ଓ ନ୍ୟାୟ ବିଭାଗକୁ ନୋଟିସ୍ ଜାରି କରିଛନ୍ତି । ଏହି ମାମଲାର ବିଚାର ଲାଗି ଆସନ୍ତା ଡିସେମ୍ବର ମାସ ୭ ତାରିଖ ଧାର୍ଯ୍ୟ କରାଯାଇଛି ।

---

# ପିଏମ୍-କାନାଡା ଭିଜିଟ୍

ଚଳିତ ବର୍ଷ ଡିସେମ୍ବର ୧୧ ଏବଂ ୧୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାନାଡା ଗସ୍ତରେ ଯିବେ । କାନାଡାର ଓଟାଓ୍ବା ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଏହି ସୂଚନା ଦିଆଯାଇଛି । କିଛିଦିନ ତଳେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ଟେଲିଫୋନ୍ ଯୋଗେ ବାର୍ତ୍ତାଳାପ କରିଥିଲେ । ବାର୍ତ୍ତାଳାପ ସମୟରେ ଉଭୟ ନେତା ଦୁଇଦେଶ ମଧ୍ୟରେ ସଂପର୍କ ଆହୁରି ଦୃଢ଼ କରିବା ନେଇ ପ୍ରତିବଦ୍ଧତା ପ୍ରକାଶ କରିଥିଲେ । ଉଭୟ ଦେଶ ମଧ୍ୟରେ ଥିବା ରଣନୈତିକ ଭାଗିଦାରିତାକୁ ଆହୁରି ଆଗକୁ ନେବା ସହ ବାଣିଜ୍ୟ, ଶକ୍ତି, ପ୍ରଯୁକ୍ତିବିଦ୍ୟା, ସୁରକ୍ଷା ଏବଂ ଲୋକସଂପର୍କ ବୃଦ୍ଧି ଦିଗରେ ଉଭୟ ନେତା ମତ ବିନିମୟ କରିଥିଲେ ।

# ମଷ୍ଟ ଆନାଉନ୍ସମେଣ୍ଟ

ନୀତି ଆୟୋଗ ସଦସ୍ୟ ରାଜୀବ ଗୌବା ବିକଶିତ ଭାରତ ଦୃଷ୍ଟିକୋଣ ହାସଲ ଦିଗରେ କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକ ମଧ୍ୟରେ ଉତ୍ତମ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଆକାଶବାଣୀ ସମ୍ବାଦ ସହ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ସେ କହିଛନ୍ତି, ପ୍ରଗତି ପ୍ଲାଟଫର୍ମ ଜରିଆରେ ବିଭିନ୍ନ ଭିତ୍ତିଭୂମି ଆଧାରିତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିଛି ।

**V/O Rajib Gawa**

ଏହି କାର୍ଯ୍ୟକ୍ରମ ଆଜି ସନ୍ଧ୍ୟା ୭ଟା ୧୦ ମିନିଟ୍‌ରେ ୧୦୦ ଦଶମିକ ୧ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍‌ରେ ପ୍ରସାରଣ ହେବ ।

## ଆଇଏନ୍ଏସ୍ ସମର୍ଥକ କମିଶନ

ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ ଆଜି ଭାରତୀୟ ନୌସେନାରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ବହୁମୁଖୀ ପୋତ ଆଇଏନ୍ଏସ୍ ସମର୍ଥକ କୁ ସାମିଲ କରିଛନ୍ତି । କର୍ଣ୍ଣାଟକର କରଓ୍ୱାର୍ ସ୍ଥିତ ଆଇଏନ୍ଏସ୍ କଦମ୍ବ ନୌସେନା ବେସ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇଏନ୍ଏସ୍ ସମର୍ଥକ କୁ ସାମିଲ କରାଯାଇଛି । ନୌସେନା ମୁଖ୍ୟ ଆଡମିରାଲ୍ କ୍ରିଷ୍ଣା ସ୍ୱାମିନାଥନ, ନୌସେନାର ବରିଷ୍ଠ ଅଧିକାରୀ ଏବଂ କର୍ଣ୍ଣାଟକର ଶ୍ରମମନ୍ତ୍ରୀ ସନ୍ତୋଷ ଲାଡ ଏହି ସଭାରେ ଯୋଗ ଦେଇଥିଲେ । ତାମିଲନାଡୁର କଟୁପାଲୀଠାରେ ଲାର୍ସନ୍ ଏବଂ ଟବ୍ରୋ ଦ୍ୱାରା ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପ ଅଧୀନରେ ନିର୍ମାଣ କରାଯାଉଥିବା ୪ଟି ପୋତ ମଧ୍ୟରୁ ପ୍ରଥମ ପୋତ ଭାବେ ଆଇଏନ୍ଏସ୍ ସମର୍ଥକକୁ ନିର୍ମାଣ କରାଯାଇଛି । ଏଥିରେ ବ୍ୟବହୃତ ହୋଇଥିବା ଯନ୍ତ୍ରାଂଶର ୭୫ ପ୍ରତିଶତ ଦେଶୀୟ ଜ୍ଞାନକୌଶଳରେ ନିର୍ମାଣ ହୋଇଛି । ୧୦୭ ମିଟର ଲମ୍ବ ଏହି ଯୁଦ୍ଧ ପୋତ ସାମୁଦ୍ରିକ ନିରୀକ୍ଷଣ, ପାଟ୍ରୋଲିଂ, ପ୍ରଶିକ୍ଷଣ ଏବଂ ସହାୟକ ପରିଚାଳନା କାର୍ଯ୍ୟ କରିବ ।

---

## ସେବା ସଂକଳ୍ପ-ଏକ୍ ଭାରତ ଶ୍ରେଷ୍ଠ ଭାରତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ

ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଆମେ ଆପଣମାନଙ୍କୁ 'ଏକ୍ ଭାରତ ଶ୍ରେଷ୍ଠ ଭାରତ' ସମ୍ପର୍କରେ ସୂଚନା ପ୍ରଦାନ କରୁଛୁ ।

ଭାରତ ହେଉଛି ଅନେକ ଭାଷା, ଉପଭାଷା ଓ ସଂସ୍କୃତିର ଦେଶ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ଏକ୍ ଭାରତ ଶ୍ରେଷ୍ଠ ଭାରତ' ପଦକ୍ଷେପ ବିଭିନ୍ନ ରାଜ୍ୟର ଲୋକମାନଙ୍କ ମଧ୍ୟରେ ପାରସ୍ପରିକ ବୁଝାମଣା ବୃଦ୍ଧି କରି ଦୃଢ଼ ବନ୍ଧୁତ୍ୱ ସୃଷ୍ଟି କରିବା ଦିଗରେ ଏହା ଏକ ବଳିଷ୍ଠ ଉଦ୍ୟମ । ପ୍ରଧାନମନ୍ତ୍ରୀ ପ୍ରତ୍ୟେକଟି ଭାରତୀୟ ଭାଷା ଏବଂ ସଂସ୍କୃତି ଜାତୀୟ ଗର୍ବର ଉତ୍ସ ବୋଲି ବାରମ୍ବାର କହିଆସିଛନ୍ତି ।

**V/O- PM**

ପ୍ରଧାନମନ୍ତ୍ରୀଙ୍କ ଏହି ଦୃଷ୍ଟିକୋଣର ଏକ ଜୀବନ୍ତ ଉଦାହରଣ ହେଉଛି ଝାଡ଼ଖଣ୍ଡ । ପଶ୍ଚିମ ସିଂହଭୂମ ଜିଲ୍ଲାର କୋହ୍ଲଣ ଅଞ୍ଚଳର ସ୍ଥାନୀୟ ଅଧିବାସୀଙ୍କ ସମୃଦ୍ଧ ଭାଷା ଓ ସାଂସ୍କୃତିକ ବିବିଧତା 'ଏକ୍ ଭାରତ ଶ୍ରେଷ୍ଠ ଭାରତ'ର ଲକ୍ଷ୍ୟକୁ ପ୍ରତିଫଳିତ କରୁଛି । ସେମାନଙ୍କର ଭାଷା ଏବଂ ସମୃଦ୍ଧ ସଂସ୍କୃତିକୁ ବୁଝିବା ନିମନ୍ତେ ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଦେଶର ଅନ୍ୟାନ୍ୟ ଭାଗରୁ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ସଂପୃକ୍ତ ଅଞ୍ଚଳ ପରିଦର୍ଶନ କରୁଛନ୍ତି । ଏକ ଭାରତ ଶ୍ରେଷ୍ଠ ଭାରତ ପଦକ୍ଷେପ ଅନ୍ତର୍ଗତ ଆୟୋଜନ କରାଯାଇଥିବା ଶୈଖିକ ଟୁର୍ ଅନ୍ୟ ରାଜ୍ୟର ଛାତ୍ରଛାତ୍ରୀମାନଙ୍କୁ ଆକର୍ଷିତ କରିଛି । ଚାଇବସାର ଜଣେ ଛାତ୍ରୀ ସଂଗୀତା କୁମାରୀ ଭାଷାଗତ ବିବିଧତା

ଏବଂ ସାଂସ୍କୃତିକ ଐତିହ୍ୟ କିଭଳି ଭାବେ ଭାରତକୁ ଏକତ୍ର କରିବା ଦିଗରେ ସହାୟକ ହୋଇଛି, ସେ ବିଷୟରେ କହିଛନ୍ତି:

**V/O (Sangeeta Kumari)**

କୋହ୍ଲଣରୁ ଦେଶର ବିଭିନ୍ନ ଭାଗ ପର୍ଯ୍ୟନ୍ତ ଭାଷା, ଉପଭାଷା ଅଲଗା ହେଲେ ମଧ୍ୟ ସମସ୍ତଙ୍କ ମଧ୍ୟରେ ଏକତା ମନୋଭାବ ସମାନ ରହିଛି । ଏକ୍ ଭାରତ ଶ୍ରେଷ୍ଠଭାରତ ପଦକ୍ଷେପ ଲୋକମାନଙ୍କୁ ଆହୁରି ନିକଟତର କରିବା ସହ ସେମାନଙ୍କ ମଧ୍ୟରେ ସଂସ୍କୃତିଗତ ନିବିଡ଼ତା ବୃଦ୍ଧି ପାଇଛି ।

## ଇଣ୍ଡିଆ-ୱେଷ୍ଟଏସିଆ ୟୁଏନ୍

ପଶ୍ଚିମ ଏସିଆରେ ପରିସ୍ଥିତି ଦିନକୁ ଦିନ ଜଟିଳ ହେଉଥିବାରୁ ଭାରତ ଉଦ୍‌ବେଗ ପ୍ରକାଶ କରିଛି । ବିଶେଷକରି ବେସାମରିକ ଭିତ୍ତିଭୂମି ଏବଂ ବାଣିଜ୍ୟିକ ଜାହାଜ ଓ ଭାରତୀୟ ନାବିକମାନଙ୍କ ଉପରେ ବାରମ୍ବାର ଆକ୍ରମଣ ଘଟଣାରେ ଭାରତ ନିନ୍ଦା କରିଛି । ଜାତିସଂଘ ସୁରକ୍ଷା ପରିଷଦର ଏକ ବିତର୍କରେ ଉଦ୍‌ବୋଧନ ଦେଇ ଭାରତର ସ୍ଥାୟୀ ପ୍ରତିନିଧି ହରିଶ୍ ପାର୍ବଥନେନି କହିଛନ୍ତି, ପଶ୍ଚିମ ଏସିଆ ଅଞ୍ଚଳରେ ଭାରତ ସବୁ ସମୟରେ ନିରାପତ୍ତା, ସୁରକ୍ଷା ଏବଂ ସ୍ଥିରତା ଉପରେ ଗୁରୁତ୍ୱ ଦେଇଆସିଛି । ସେ କହିଛନ୍ତି, ବାଣିଜ୍ୟିକ ଜାହାଜ, ନାବିକ ଏବଂ ଭିତ୍ତିଭୂମି ଉପରେ ଆକ୍ରମଣ କରାଯାଉଥିବାରୁ ସାମୁଦ୍ରିକ କାର୍ଯ୍ୟକଳାପ କ୍ଷେତ୍ରରେ ଅଧିକ ନିରାପତ୍ତା ଆବଶ୍ୟକ ହୋଇପଡ଼ିଛି । ତେଣୁ ଆନ୍ତର୍ଜାତିକ ଜଳମାର୍ଗରେ ନିୟମ ଦୃଢ଼ କରିବା ଉପରେ ସେ ଗୁରୁତ୍ୱ ଆରୋପ କରିଛନ୍ତି । କିଛିଦିନ ପୂର୍ବେ ସାଉଦୀ ବିମାନ ବନ୍ଦର ଉପରେ ଆକ୍ରମଣ ଏବଂ ସେଥିରେ ଜଣେ ଭାରତୀୟ ନାଗରିକଙ୍କ ମୃତ୍ୟୁ ଘଟଣାକୁ ନେଇ ସେ ନିନ୍ଦା କରିଛନ୍ତି । ସେ କହିଛନ୍ତି,

ସାଉଦି ଆରବ ସରକାର ଏବଂ ଲୋକଙ୍କ ପାଇଁ ଭାରତ ସମବେଦନା ପ୍ରକାଶ କରୁଛି ।

ଭାରତୀୟ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ନେଇ ପାର୍ବଥନେନି କହିଛନ୍ତି ଭାରତୀୟ ନାବିକମାନଙ୍କ ସୁରକ୍ଷାକୁ ଭାରତ ସରକାର ପ୍ରାଥମିକତା ଦେଉଛନ୍ତି । ସେ ମଧ୍ୟ ଭାରତୀୟ ନାବିକମାନଙ୍କ ସୁରକ୍ଷା ଦିଗରେ ଓମାନ ଏବଂ ୟୁଏଇର ପଦକ୍ଷେପକୁ ପ୍ରଶଂସା କରିଛନ୍ତି ।

---

## କ୍ରିକେଟ୍-ଇଣ୍ଡିଆ-ଜିମ୍ବାୱେ

ମହିଳା କ୍ରିକେଟ୍‌ରେ ଆଜି ଭାରତ ଓ ଜିମ୍ବାୱେ ମଧ୍ୟରେ ପ୍ରଥମ ଟି-ଟ୍ୱେଣ୍ଟି ଅନ୍ତର୍ଜାତୀୟ ମ୍ୟାଚ୍ ରାୟପୁରର ସହିଦ ବୀର ନାରାୟଣ ସିଂହ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯିବ। ମ୍ୟାଚ୍ ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ।

ଏହି ସିରିଜ୍‌ର ଦ୍ୱିତୀୟ ଓ ତୃତୀୟ ମ୍ୟାଚ୍ ଅକ୍ଟୋବର ୧୮ ଓ ୨୦ ତାରିଖରେ ଖେଳାଯିବ। ସମସ୍ତ ମ୍ୟାଚ୍ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ।

ଟି-ଟ୍ୱେଣ୍ଟି ସିରିଜ୍ ପରେ ଭାରତ ଓ ଜିମ୍ବାୱେ ମଧ୍ୟରେ ତିନୋଟି ଏକଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ଗୁଡ଼ିକ ଅକ୍ଟୋବର ୨୩, ୨୫ ଓ ୨୮ ତାରିଖରେ ଭଦୋଦରାର କୋଟାମ୍ବିସ୍ଥିତ ବିସିଏ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ।

---